ଓଡିଶା ପୋଲିସ

ମୁଖ୍ୟ କାର୍ଯ୍ୟାଳୟ, କଟକ

## ପ୍ରେସ୍ ନୋଟ୍

## କଟକ ଠାରେ ୮୭ ତମ ରାଜ୍ୟ ପୋଲିସ ପ୍ରତିଷ୍ଠା ଦିବସ ପାଳିତ

କଟକ ତା ୧.୪.୨୦୨୨ – ଓଡିଶା ପୋଲିସର ରାଜ୍ୟସ୍ତରୀୟ ୮୭ ତମ ପ୍ରତିଷ୍ଠା ଦିବସ ଆଜି ପୂର୍ବାହ୍ନରେ ଷଷ୍ଠ ବାଟାଲିୟନ କଟକ ଠାରେ ପାଳନ କରାଯାଇଅଛି । ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ସୁନୀଲ କୁମାର ବଂସଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆୟୋଜିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ପୋଲିସ ସେବାରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ସଫଳ ଅଧିକାରୀ ଓ ପୋଲିସ କର୍ମଚାରୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଡି.ଜି.ପି ପ୍ରଥମେ ସହିଦ ପୋଲିସ କର୍ମଚାରୀ ଏବଂ କୋଭିଡ ବିରୁଦ୍ଧରେ ଲଢେଇ କରି ପ୍ରାଣବଳି ଦେଇଥିବା କର୍ମଚାରୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ଭବିଷ୍ୟତରେ ଏକ " **Modern, Smart ଓ Friendly Police**" ଗଠନ କରିବା ଆମର ଲକ୍ଷ୍ୟ ବୋଲି ଡିଜିପି ନିଜ ଅଭିଭାଷଣରେ କହିଛନ୍ତି । ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଦକ୍ଷ ଏବଂ ବଳିଷ୍ଠ ନେତୃତ୍ୱ ଯୋଗୁଁ ପୋଲିସ ବିଭାଗ କ୍ରିୟାଶୀଳ ହୋଇ କାର୍ଯ୍ୟ କରୁଛି । ଆଗାମୀ ଦିନରେ ଆପଣମାନଙ୍କ ସହଯୋଗରେ ଓଡିଶା ପୋଲିସକୁ ଏକ ନୂତନ ଶିଖରରେ ପହଁଚାଇବାକୁ ଆମ ସମସ୍ତଙ୍କ ଉଦ୍ୟମ ଜାରି ରହିବ ବୋଲି ଡିଜିପି ଶ୍ରୀ ବଂସଲ କହିଥିଲେ । ଏହାସହ "ମୋ ସରକାର" କାର୍ଯ୍ୟକ୍ରମ ପୋଲିସ ବିଭଗରେ ବେଶ୍ ଭଲରେ କାର୍ଯ୍ୟକାରୀ ହେଉଛି । ଥାନାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ ସହ ସେମାନଙ୍କ ସମସ୍ୟା ସମାଧାନ ପାଇଁ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ସେ ମତବ୍ୟକ୍ତ କରିଥିଲେ । **5-T** ଯୋଜନା ଅଗ୍ରାଧିକାର ଭିତିରେ ପୋଲିସ ବିଭାଗରେ କାର୍ଯ୍ୟକାରୀ ହେଉଛି ବୋଲି ଡି.ଜି.ପି କହିଥିଲେ ।

ପଞ୍ଚାୟତ ନିର୍ବାଚନ ଏବଂ ନିକଟରେ ସମାପ୍ତ ହୋଇଥିବା ପୌର ନିର୍ବାଚନ ସମୟରେ ସାରା ରାଜ୍ୟରେ ପୋଲିସ ବାହିନୀ କର୍ତ୍ତବ୍ୟନିଷ୍ଠା, ଦାୟିତ୍ୱବୋଧ, ସ୍ୱଚ୍ଛତା ଓ ନିରପେକ୍ଷତାର ସହ ଶୃଙ୍ଖଳିତ ନିର୍ବାଚନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ବୋଲି ଡିଜିପି ନିଜ ଅଭିଭାଷଣରେ ମତବ୍ୟକ୍ତ କରିଥିଲେ ।

ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଉପରେ ରୋକ ଲଗାଇବାକୁ ଆମର ଉଦ୍ୟମ ଜାରି ରହିଛି ଏବଂ ଆଗାମୀ ଦିନରେ ଆମେ ଏଥିରେ ସଫଳ ହୋଇପାରିବୁ ବୋଲି ସେ ମତପ୍ରକାଶ କରିଥିଲେ । ପୋଲିସ ପ୍ରତିଷ୍ଠା ଦିବସ ଉପଲକ୍ଷେ ମାନ୍ୟବର ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ଶ୍ରୀ ଆର୍. କେ. ଶର୍ମା ପାଠ କରିଥିଲେ ।

ଏହା ପରେ ମୁଖ୍ୟ ଅତିଥି ଉଲ୍ଲେଖନୀୟ ପୋଲିସ ସେବା ପାଇଁ ପୋଲିସ ଅଧିକାରୀଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଏ.ପି.ଆର୍ କନେଷ୍ଟବଲ ଅନିଲ କୁମାର ଦାସ , ଓ.ଆର୍ କନେଷ୍ଟବଲ ପୂର୍ଣ୍ଣଚନ୍ଦ୍ର ବେହେରା, ଟ୍ରାଫିକ କନେଷ୍ଟବଲ ବଜରଙ୍ଗ ବେହେରା, ହାବିଲଦାର ଜମ୍ବୁ ପ୍ରଧାନ, ଏ.ଏସ୍.ଆଇ ଦିଲ୍ଲିପ କୁମାର ମୁଣ୍ଡା, ସବ୍-ଇନିସ୍ପେକ୍ଟର ରବିଶଙ୍କର ଭଇସା, ଇନିସ୍‌ପେକ୍ଟର ଭାବଗ୍ରାହୀ ରାଉତ, ଇନ୍‌ସପେକ୍ଟର (କ୍ରାଇମ ବ୍ରାଞ୍ଚ) ଅନିଲା ଆନନ୍ଦ, ଇନ୍‌ସପେକ୍ଟର (ସ୍ପେଶାଲ ବ୍ରାଞ୍ଚ) ସାରଙ୍ଗଧର ପ୍ରଧାନ ଓ ଶ୍ରେଷ୍ଠ ଟିମ୍ ଲିଡର ଏସ୍.ଓ.ଜି ର  ଏସ୍.ଆଇ (ଆର୍ମଡ) ସନ୍ତୋଷ କୁମାର ଗୁରୁ, ଶ୍ରେଷ୍ଠ ସୁବେଦାର ଲୋକନାଥ ଲାମା, ଶ୍ରେଷ୍ଠ ସବ୍-ଇନିସ୍ପେକ୍ଟର (ସଶସ୍ତ୍ର) ବଂଶିଧର ପ୍ରଧାନ, ଶ୍ରେଷ୍ଠ ହାବିଲଦାର ମେଜର (ବ୍ୟାଣ୍ଡ) ମୁନ୍‌ଜାତି ପଦ୍ମନାଭ, ଶ୍ରେଷ୍ଠ ହାବିଲଦାର ଜ୍ୟୋତିରଞ୍ଜନ ପ୍ରଧାନ, ଶ୍ରେଷ୍ଠ ସିପାହୀ ପ୍ରଦୀପ କୁମାର ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ଦ୍ୱିତୀୟ ସ୍ୱତନ୍ତ୍ର ସଶସ୍ତ୍ର ବାଟାଲିୟନ ଝାରସୁଗୁଡାକୁ ଶ୍ରେଷ୍ଠ  ବାଟାଲିୟନ ଭାବେ ପୁରସ୍କୃତ କରାଯାଇଥିଲା । ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ର ଭାବେ ଓ.ଏସ୍.ଏ.ପି ଦ୍ୱିତୀୟ ସ୍ୱତନ୍ତ୍ର ସଶସ୍ତ୍ର ବାଟାଲିୟନ, ପରିବାର କଲ୍ୟାଣ କେନ୍ଦ୍ର , ଝାରସୁଗୁଡା (ପ୍ରଥମ), ଓ.ଏସ୍.ଏ.ପି ଷଷ୍ଠ ବାଟାଲିୟନ, ପରିବାର କଲ୍ୟାଣ କେନ୍ଦ୍ର, କଟକ (ଦ୍ୱିତୀୟ), ତୁଳସୀପୁର ପରିବାର କଲ୍ୟାଣ କେନ୍ଦ୍ର , କଟକ (ତୃତୀୟ)ଙ୍କୁ ପୁରସ୍କୃତ କରାଯାଇଥିଲା । ଆଜିର ଆନୁଷ୍ଠାନିକ ପରେଡରେ SOG, Chandaka ଦଳ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ O.S.A.F ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରି ଡିଜିପିଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ ।

ଆଜିର ଏହି ଆନୁଷ୍ଠାନିକ ପରେଡରେ SOG, OSAP, IRB , UPD Cuttack/ UPD Bhubaneswar-Cuttack, Rural (APR Women), UPD Cuttack/ UPD Bhubaneswar-Cuttack, Rural (APR Men)/ Traffic Constable, Commissionerate BBSR-Cuttack , O.D.R.A.F, O.I.S.F, O.S.A.F ଓ Fire Service ଙ୍କୁ ନେଇ ସର୍ବମୋଟ ଦଶଟି (୧୦) ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ପ୍ୟାରେଡର ମୁଖ୍ୟ କମାଣ୍ଡର ସେଲକା ନଚିକେତ ବିଶ୍ୱନାଥ, ଆଇ. ପି. ଏସ୍ (ଅଣ୍ଡର ଟ୍ରେନିଂ), ଗଞ୍ଜାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ୟାରେଡ ଅନୁଷ୍ଠିତ ହୋଇଥିଲା । ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଶୃଙ୍ଖଳା) ଶ୍ରୀ ଆର୍. କେ. ଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳନା କରାଯାଇଥିଲା । ଏହାପରେ ଭୁବନେଶ୍ୱରସ୍ଥିତ ପୋଲିସ୍ ଭବନ ଠାରେ ୧୦୦ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ କରାଯିବା ସହ ସ୍ୱର୍ଗତଃ ଭ୍ରମରବର ସାହୁ ଓ ସ୍ୱର୍ଗତଃ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା ।

ସ୍ୱର୍ଗତଃ ସୀତାରାମ ମୁର୍ମୁ, ଓ.ଏସ୍.ଏ.ପି ଷଷ୍ଠ ବାଟାଲିୟନ,କଟକଙ୍କୁ ସ୍ୱର୍ଗତଃ ଭ୍ରମରବର ସାହୁ ସ୍ମୃତି ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା । ସେହିପରି  ଏସ୍.ଓ.ଜି, ଭୁବନେଶ୍ୱରର କମାଣ୍ଡୋ ପଙ୍କଜ ନାଏକ, କମାଣ୍ଡୋ ପଙ୍କଜ ଦଣ୍ଡସେନାଙ୍କୁ ସ୍ୱର୍ଗତଃ ରାଜେନ୍ଦ୍ର ମୋହନ ପଟ୍ଟନାୟକ ସ୍ମୃତି ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୋଲିସ ଅଧିକାରୀ, ସେବା ନିବୃତ୍ତ ଅଧିକାରୀ ପୋଲିସ କର୍ମଚାରୀ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ ।

Jayanta
4/4/22
PRO, SP HQrs, Cuttack.